**୧୪ ଜୁଲାଇ ୨୦୨୩ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ୍ ମୁବାରକ୍ ଇସ୍‌ଲାମାବାଦ୍, ଲଣ୍ଡନ୍**

## ବଦର୍ ଯୁଦ୍ଧର ଅଲୌକିକ ପରିସ୍ଥିତି ଓ ଘଟଣାବଳୀର ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମା ବାଦ୍‌ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

**ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ବଦର ଯୁଦ୍ଧ ପରିପ୍ରେକ୍ଷୀରେ ହଜରତ ମୁହମ୍ମଦ [ସ.ଅ]ଙ୍କ ଜୀବନୀ ଓ ଘଟଣାଚକ୍ରର ଆଲୋଚନା ହେଉଥିଲା । ଯେତେବେଳେ ବଦର ଯୁଦ୍ଧ ସମାପ୍ତ ହେଲା ଏବଂ ଅମାନ୍ୟକାରୀମାନଙ୍କୁ ଅଲ୍ଲାଃତାଲା ସେମାନଙ୍କ କୁପରିଣତିରେ ଉପନୀତ କଲେ । ଏହି ଯୁଦ୍ଧରେ ୭୦ଜଣ ଅମାନ୍ୟକାରୀ ନିହତ ହୋଇଥିଲେ । ଯେଉଁମାନଙ୍କ ମଧ୍ୟରେ ଅନେକ ଧନାଢ଼୍ୟ ବ୍ୟକ୍ତି ଓ ସରଦାର୍‌ମାନେ ସାମିଲ ଥିଲେ ।**

**କୁରୈଶର ସରଦାରମାନଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ବନ୍ଧରେ ହଦିସ୍ ସହି ବୁଖାରୀରେ ଉଲ୍ଲେଖ ରହିଛି, ଏକଦା ହଜୁର[ସ.ଅ] ଖାନା କାବା ସମ୍ମୁଖରେ ନମାଜ ପାଠ କରୁଥିଲେ ଏବଂ ଆପଣ ସଜ୍‌ଦାଃରେ ଥିଲେ ଯେ, କୁରୈଶର ଅମାନ୍ୟକାରୀ ଏକ ଜୀବର ଗର୍ଭାଶୟକୁ ଆଣି ଆପଣ [ସ.ଅ]ଙ୍କ କାନ୍ଧ ଉପରେ ଲଦି ଦେଲେ । ଫଳତଃ ଆପଣ ସଜଦାଃ ଆସନରୁ ଉଠି ପାରିଲେ ନାହିଁ, ଏହା ଦେଖି ନିର୍ଲଜ ଅମାନ୍ୟକାରୀମାନେ ଉପହାସ କରିବାକୁ ଲାଗିଲେ । ଶେଷରେ ହଜରତ ଫାତିମା[ର.ଅ] ଆସି ସେହି ଓଜନିଆ ବର୍ଜ୍ୟବସ୍ତୁକୁ ଆପଣ [ସ.ଅ]ଙ୍କ କାନ୍ଧ ଉପରୁ ଉଠାଇ ଦେଲେ । ସେତେବେଳେ ହଜୁର[ସ.ଅ] ଦୁଆ କଲେ ହେ ଅଲ୍ଲାଃ ! ତୁମ୍ଭେ ହିଁ ଏହି ଅମାନ୍ୟକାରୀମାନଙ୍କୁ ଧରପଗଡ଼ କର । ସେଥିଅନ୍ତେ ଆପଣ[ସ.ଅ] ଉମରୋ ବିନ୍ ହିଶାମ୍, ଉତ୍‌ବାଃ ବିନ୍ ରବିୟା, ଶୈବା ବିନ୍ ରବିୟା, ଓଲିଦ୍ ବିନ୍ ଉତ୍‌ବାଃ, ଉମୈୟା ବିନ୍ ଖଲଫ୍ ଓ ଅନ୍ୟ କେତେକ ଅମାନ୍ୟକାରୀଙ୍କ ନାମ ନେଇ ଦୁଆ କଲେ ହେ ଅଲ୍ଲାଃ ! ଏମାନଙ୍କ ଧରପଗଡ଼ କର । ହଜରତ ଅବଦୁଲ୍ଲାଃ ବର୍ଣ୍ଣନା କରନ୍ତି, ଅଲ୍ଲାଃଙ୍କ ରାଣ ! ମୁଁ ବଦର ଯୁଦ୍ଧ ଦିନ ସ୍ୱୟଂ ସେମାନଙ୍କୁ ଭୂମିରେ ପଡ଼ି ରହିଥିବାର ଦେଖିଲି । ସେଥିଅନ୍ତେ ସେମାନଙ୍କୁ ଘୋସାଡ଼ି ଉକ୍ତ ରଣଭୂମିର ଏକ ପାର୍ଶ୍ୱରେ ଥିବା ଗର୍ତ୍ତ (କୂପ)ରେ ଫିଙ୍ଗି ଦିଆଗଲା । ସେହି ଅବସରରେ ହଜୁର[ସ.ଅ] କହିଲେ; ଏହି ଗର୍ତ୍ତବାସୀମାନେ ଅଭିଶପ୍ତ ଅଟନ୍ତି ।**

ହଜରତ ଅବୁ ତଲ୍‌ହା ଅନ୍‌ସାରୀ ବର୍ଣ୍ଣନା କରନ୍ତି, ବଦର୍ ଯୁଦ୍ଧ ଦିନ ହଜୁର[ସ.ଅ] ୨୪ଜଣଙ୍କ ସମ୍ବନ୍ଧରେ ଆଦେଶ ଦେଲେ । ଯାହାଙ୍କୁ ବଦର୍‌ର କୂପରେ ନିକ୍ଷେପ କରିଦିଆଗଲା । ବଦର୍ କ୍ଷେତ୍ରରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ହଜୁର[ସ.ଅ] ଉକ୍ତ କୂପର ଏକପ୍ରାନ୍ତରେ ଛିଡ଼ା ହୋଇ ମକ୍କାର ଅମାନ୍ୟକାରୀମାନଙ୍କୁ ସେମାନଙ୍କ ପିତାଙ୍କ ନାମ ନେଇ ସ୍ମରଣ କଲେ ଏବଂ କହିଲେ; ସମ୍ଭବତଃ ତୁମେମାନେ ଅଲ୍ଲାଃ ଓ ତାଙ୍କ ରସୁଲଙ୍କ ଆଜ୍ଞାକାରୀ ହୋଇଯାଇଥାନ୍ତ । **ଆମେମାନେ ତ ସେସବୁ ଲଭି ନେଲୁ ଯାହା ପ୍ରଭୁ ଆମ ସହିତ ଅଙ୍ଗୀକାର କରିଥିଲେ ।**

ହଜରତ ମିର୍ଜା ବଶିର ଅହେମଦ୍ ସାହେବ[ର.ଅ] ଏହି ଘଟଣା ଚର୍ଚ୍ଚା କରି କୁହନ୍ତି, ହଜୁର [ସ.ଅ]ଙ୍କର ଏହି ଶବ୍ଦ କି ହେ ଗର୍ତ୍ତବାସୀ ! ତୁମେମାନେ ମୋ ସହିତ ଯୁଦ୍ଧ କଲ ଏବଂ ଅନ୍ୟମାନେ ମୋର ସାହାଯ୍ୟ କଲେ । ଏଥିରୁ ଏହା ପ୍ରତୀତ ହେଉଛି ଯେ, **ଆପଣ ନିଜ ସ୍ଥାନରେ ବିଶ୍ୱାସ କରୁଥିଲେ କି ଏହି ସ୍ଥାନରେ ଯୁଦ୍ଧର ସୂତ୍ରପାତ ଅମାନ୍ୟକାରୀଙ୍କ ଦ୍ୱାରା ହେଲା ଏବଂ ଆପଣ[ସ.ଅ] ବାଧ୍ୟତାମୂଳକ ନିଜ ସୁରକ୍ଷା ନିମନ୍ତେ ଖଣ୍ଡା ଉତ୍ତୋଳନ କରିଥିଲେ ।**

ଜୀବନୀର ପୁସ୍ତକମାନଙ୍କରେ ବଦର୍ ଯୁଦ୍ଧ ପ୍ରସଙ୍ଗରେ ହଜରତ ମୁହମ୍ମଦ [ସ.ଅ]ଙ୍କର କେତେକ ଚମତ୍କାରର ଉଲ୍ଲେଖ ରହିଛି । ଅତଏବ ଅକାଶା ବିନ୍ ମୁହସିନ୍ [ର.ଅ]ଙ୍କ ସମ୍ବନ୍ଧରେ ବର୍ଣ୍ଣନା ମିଳୁଛି ଯେ, ବଦର୍ ଯୁଦ୍ଧରେ ସେ ନିଜ ଖଣ୍ଡା ମାଧ୍ୟମରେ ଲଢୁଥିଲେ ଏପର୍ଯ୍ୟନ୍ତ କି ତାହା ଭାଙ୍ଗିଗଲା । ବସ୍ତୁତଃ ସେ ହଜୁର [ସ.ଅ]ଙ୍କ ସେବାରେ ଉପସ୍ଥିତ ହେଲେ, ହଜୁର[ସ.ଅ] ତାଙ୍କୁ ଏକ କାଠଫାଳିଆ ପ୍ରଦାନ କରି କହିଲେ; ତୁମେ ଏତଦ୍ ମାଧ୍ୟମରେ ଅମାନ୍ୟକାରୀଙ୍କ ମୁକାବିଲା କର । ଅକାଶା ତାହାକୁ ଲହରେଇବାରୁ ତାହା ତାଙ୍କ ହସ୍ତରେ ଏକ ଖଣ୍ଡା ପାଲଟି ଯାଇଥିଲା ।

ମକ୍କାରେ ଅମାନ୍ୟକାରୀଙ୍କ ଲଜ୍ଜାଜନକ ପରାଜୟର ଖବର କିପରି ପହଞ୍ଚିଲା, ଏଥିସମ୍ବନ୍ଧରେ ବର୍ଣ୍ଣନା ମିଳୁଛି ଯେ, ଅମାନ୍ୟକାରୀମାନେ ଭୟପ୍ରଦ ଅବସ୍ଥାରେ ମକ୍କା ଅଭିମୁଖେ ପଳାୟନ କଲେ । ପଶ୍ଚାତାପ ଓ ଲଜ୍ଜାରେ ତାଙ୍କୁ ବୁଝା ପଡୁ ନଥିଲା ଯେ, କିପରି ସେମାନେ ମକ୍କାରେ ପ୍ରବେଶ କରିବେ । ଆଉ ଯେତେବେଳେ ଅମାନ୍ୟକାରୀମାନେ ମକ୍କାବାସୀଙ୍କୁ କୁରୈଶର ସରଦାର୍‌ମାନଙ୍କ ନିହତ ହେବା ଖବର ଦେଲେ ସେତେବେଳେ ସେମାନେ ତାହା ବିଶ୍ୱାସ କଲେ ନାହିଁ । କୁରୈଶ୍ ମୃତକମାନଙ୍କ ପରିଜନଙ୍କୁ ବିଳାପ କରିବାକୁ ବାରଣ କରିଦେଇଥିଲେ ।

ଦ୍ୱିତୀୟ ପାର୍ଶ୍ୱରେ ହଜରତ ମୁହମ୍ମଦ[ସ.ଅ] ମଦିନାବାସୀଙ୍କୁ ବିଜୟର ସୁସମାଚାର ଦେବା ନିମନ୍ତେ ହଜରତ ଅବଦୁଲ୍ଲାଃ ବିନ୍ ରୱାହ୍ [ର.ଅ]ଙ୍କୁ ଡ଼କାଇ ମଦିନା ଅଭିମୁଖେ ପ୍ରେରଣ କରିଥିଲେ ଏବଂ ହଜରତ ଜୈଦ୍ ବିନ୍ ହାରିସ୍ [ର.ଅ]ଙ୍କୁ ମଦିନାର ଆଖପାଖ ଅଞ୍ଚଳ ଆଡ଼କୁ ପ୍ରେରଣ କରିଥିଲେ ।

ହଜରତ ଉସାମାଃ ବିନ୍ ଜୈଦ୍[ର.ଅ] କୁହନ୍ତି, ଆମମାନଙ୍କୁ ମୁସଲମାନମାନଙ୍କ ବିଜୟର ସୁସମାଚାର ସେତେବେଳେ ପ୍ରାପ୍ତ ହେଲା ଯେତେବେଳେ ଆମେ ହଜରତ ରୁକୟା ବିନତ୍ ମୁହମ୍ମଦ[ସ.ଅ] ଓ ହଜରତ ଉସମାନ୍ ବିନ୍ ଅଫାନ୍‌ଙ୍କ କବରର ମାଟି ସମତୁଳ କରି ଦେଇଥିଲୁ ।

ଯେତେବେଳେ ହାରିସ୍ ବିନ୍ ଜୈଦ୍[ର.ଅ] ହଜୁର [ସ.ଅ]ଙ୍କ ଓଟ ଉପରେ ଆରୋହଣ କରି ମଦିନାରେ ପ୍ରବେଶ କଲେ ସେତେବେଳେ କପଟବିଶ୍ୱାସୀ ଓ ୟହୁଦୀମାନେ ଏହା କହିବା ଆରମ୍ଭ କରିଦେଲେ ଯେ, ମୁସଲମାନମାନେ ଯୁଦ୍ଧରେ ପରାଜିତ ହୋଇଛନ୍ତି ଏବଂ ନଉଜୁବିଲ୍ଲାଃ ହଜୁର [ସ.ଅ]ଙ୍କର ମଧ୍ୟ ଯୁଦ୍ଧରେ ବଧ ହୋଇଯାଇଛି । ଏଥିସକାଶେ ତ ଆପଣ [ସ.ଅ]ଙ୍କ ଓଟ ଉପରେ ଜୈଦ୍ ଆରୋହଣ କରି ଆସୁଛନ୍ତି । ଯେତେବେଳେ ଜୈଦ୍ ବିନ୍ ହାରିସ୍ ଲୋକମାନଙ୍କୁ ମୁସଲମାନମାନଙ୍କ ବିଜୟର ସୁସମାଚାର ଶୁଣାଇଲେ ଏବଂ କୁରୈଶର ସରଦାରମାନଙ୍କ ନାମ ନେଇ ନେଇ ସେମାନଙ୍କ ନିହତ ହେବାର ସୂଚନା ଦେଲେ ସେତେବେଳେ କପଟବିଶ୍ୱାସୀମାନେ କହିବା ଆରମ୍ଭ କଲେ ଏହା କିଭଳି ସମ୍ଭବ । ମନେହେଉଛି ଯୁଦ୍ଧରେ ମୁସଲମାନମାନଙ୍କ ପରାଜୟ ଓ ହଜୁର [ସ.ଅ]ଙ୍କ ଅକାଳ ବିୟୋଗ ଯୋଗୁଁ ଜୈଦ୍ ନିଜର ମାନସିକ ସନ୍ତୁଳନ ହରାଇ ବସିଛନ୍ତି ।

ମଦିନାବାସୀ ବିଜୟର ସୁସମାଚାର ଶୁଣି ହଜୁର [ସ.ଅ]ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ମଦିନା ବାହାରକୁ ଚାଲି ଆସିଥିଲେ । ସେତେବେଳେ ସେହି ମୁସଲମାନମାନଙ୍କ ଆନନ୍ଦ ଉଲ୍ଲାସ ଦେଖିବା ଯୋଗ୍ୟ ଥିଲା ।

ଏହି ଯୁଦ୍ଧରେ ମୁସଲମାନମାନଙ୍କୁ ମାଲେ ଗନିମତ୍ (ଯୁଦ୍ଧରେ ଅର୍ଜିତ ସମ୍ପତ୍ତି) ଆକାରରେ ୧୫୦ଟି ଓଟ ଓ ୧୦ଟି ଅଶ୍ୱ ପ୍ରାପ୍ତ ହୋଇଥିଲା । ଏତଦ୍ ବ୍ୟତୀତ ବିବିଧ କିସମର ସାମଗ୍ରୀ ଯଥା ଅସ୍ତ୍ର, ବସ୍ତ୍ର, ଅଗଣିତ ଚମଡ଼ା, ରଙ୍ଗିନ ଚମଡ଼ା ଓ ଉନ୍ ଇତ୍ୟାଦି ପ୍ରାପ୍ତ ହୋଇଥିଲା । ହଜୁର[ସ.ଅ] ନିଜର ଭାଗ ମଧ୍ୟ ଅନ୍ୟ ସାହାବାଙ୍କ ପରି ସମାନ ଧାର୍ଯ୍ୟ କରିଥିଲେ । ସାହାବାମାନେ ଏକ ଖଣ୍ଡା ହଜୁର [ସ.ଅ]ଙ୍କ ପାଇଁ ଅଲଗା ରଖିନେଲେ । ଏହିପରି ଗୋଟିଏ ଓଟ ଯାହାକି ଅବୁ ଜହେଲ୍‌ର ଥିଲା ହଜୁର [ସ.ଅ]ଙ୍କୁ ମିଳିଥିଲା । ଜୀବନୀର ପୁସ୍ତକଗୁଡ଼ିକରେ ସେହି ଖଣ୍ଡା ଓ ଓଟକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଉକ୍ତ ଖଡ଼ଗର ନାମ ଜୁଲ୍‌ଫୁକାର୍ ଥିଲା । ପରବର୍ତ୍ତୀ ଯୁଦ୍ଧମାନଙ୍କରେ ହୁଜୁର ଉକ୍ତ ଖଡ଼ଗକୁ ସ୍ୱୟଂ ବ୍ୟବହାର କରିଥିଲେ । ହଜୁର [ସ.ଅ]ଙ୍କ ବିୟୋଗ ପରେ ଉକ୍ତ ଖଡ଼ଗଟି ଅବ୍‌ବାସୀ ଖଲିଫାମାନଙ୍କ ନିକଟରେ ରହିଥିଲା । ଏହିପରି ସେହି ଓଟ ସୁଲେହ୍ ହୁଦେବିୟା ପର୍ଯ୍ୟନ୍ତ ଆପଣ [ସ.ଅ]ଙ୍କ ନିକଟରେ ରହିଥିଲା । ସୁଲେହ୍ ହୁଦେବିୟା ସମୟରେ ଆପଣ ତାହାକୁ ବଳି ଦେବା ପାଇଁ ସାଥିରେ ଘେନି ନେଇଥିଲେ ।

ମାଲେ ଗନିମତ୍ ବଣ୍ଟନ ସମୟରେ ହଜୁର[ସ.ଅ] ଯୁଦ୍ଧରେ ଶହିଦ୍‌ମାନଙ୍କ ଉତ୍ତରାଧିକାରୀମାନଙ୍କୁ ସେମାନଙ୍କ ଭାଗ ପ୍ରଦାନ କଲେ । ଏହିପରି ମଦିନାରେ ରହିଯାଇଥିବା ପ୍ରତିନିଧି ଓ ଅନ୍ୟ ସାହାବା ଯେ ବିଭିନ୍ନ ଦାୟିତ୍ୱ ସମ୍ପାଦନ କରିବା ପାଇଁ ମୁତୟନ ଥିଲେ, ଯେଉଁମାନେ ଯୁଦ୍ଧରେ ସାମିଲ ହୋଇ ପାରି ନଥିଲେ । ସେମାନଙ୍କୁ ମଧ୍ୟ ମାଲେ ଗନିମତ୍‌ରୁ ଭାଗ ମିଳିଥିଲା ।

ବଦର୍ ଯୁଦ୍ଧର କଏଦୀମାନଙ୍କ ଠାରୁ ଫିଦ୍‌ୟା (କ୍ଷତିପୂରଣ) ନେଇ ସେମାନଙ୍କୁ ମୁକ୍ତ କରି ଦିଆଗଲା । ଫିଦ୍‌ୟା ରାଶି ଏକ ହଜାରରୁ ଚାରି ହଜାର ଦିର୍‌ହମ୍ ପର୍ଯ୍ୟନ୍ତ ରହିଥିଲା । ଯେଉଁ ବ୍ୟକ୍ତି ଫିଦ୍‌ୟା ପୈଠ କରିବାକୁ ସକ୍ଷମ ନଥିଲେ ତାଙ୍କ ପାଇଁ ସର୍ତ୍ତ ରହିଥିଲା ଯେ, ଯଦି ସେ ମଦିନାର ପିଲାମାନଙ୍କୁ ଲେଖାପଢ଼ା ସିଖାଇ ଦିଅନ୍ତି ତେବେ ତାଙ୍କୁ ସ୍ୱାଧୀନ କରିଦିଆଯିବ । **ଏହିପରି କେତେକ କଏଦୀମାନଙ୍କ ଠାରୁ ସ୍ୱଳ୍ପ ଫିଦ୍‌ୟା ଅଥବା ଫିଦ୍‌ୟା ଆଦାୟ ନକରି ମଧ୍ୟ ମୁକ୍ତ କରିଦିଆ ଯାଇଥିଲା ।** ଏଥିସଂକ୍ରାନ୍ତରେ ହଜରତ ମିର୍ଜା ବଶିର ଅହେମଦ୍ ସାହେବ[ର.ଅ] ଉଲ୍ଲେଖ କରିଛନ୍ତି;

ମଦିନା ପହଞ୍ଚିବା ପରେ ହଜରତ ମୁହମ୍ମଦ[ସ.ଅ] କଏଦୀମାନଙ୍କ ପ୍ରସଙ୍ଗରେ ସହାବାମାନଙ୍କ ସହିତ ପରାମର୍ଶ କଲେ ଯେ, ଏମାନଙ୍କ ସହିତ କ'ଣ କରିବା ଉଚିତ୍ ହେବ । ଆରବରେ ସାଧାରଣତଃ କଏଦୀମାନଙ୍କର ହତ୍ୟା କରିଦିଆ ଯାଉଥିଲା ଅଥବା ଚିରକାଳ ପାଇଁ ଦାସ କରିବା ପ୍ରଥା ପ୍ରଚଳିତ ଥିଲା । କିନ୍ତୁ ହଜୁର [ସ.ଅ]ଙ୍କ ସ୍ୱଭାବ ଏହି ପ୍ରଥାକୁ ଆଦୌଁ ଗ୍ରହଣ କରିପାରି ନଥିଲା । ପୁନଶ୍ଚ ଏଥିସଂକ୍ରାନ୍ତରେ ସେପର୍ଯ୍ୟନ୍ତ କୌଣସି ଐଶୀ ନିର୍ଦ୍ଦେଶ ମଧ୍ୟ ଅବତୀର୍ଣ୍ଣ ହୋଇ ନଥିଲା । ଅତଃ ହଜରତ ଅବୁବକର[ର.ଅ] କହିଲେ; ମୋ ମତରେ ଏମାନଙ୍କ ଠାରୁ ଫିଦ୍‌ୟା ହାସଲ କରି ଏମାନଙ୍କୁ ସ୍ୱାଧୀନ କରିଦେବା ଉଚିତ୍ । କାରଣ ଅନ୍ତତଃ ଏମାନେ ଆମର ଭାଇବନ୍ଧୁ ଏବଂ କ'ଣ ଆଶ୍ଚର୍ଯ୍ୟ ଯେ କାଲି ଏହିମାନଙ୍କ ମଧ୍ୟରୁ ଇସଲାମ ସକାଶେ ନିଜ ଜୀବନ ଉତ୍ସର୍ଗକାରୀ ଜାତ ନହେବେ । କିନ୍ତୁ ହଜରତ ଉମର[ର.ଅ] ଏହି ରାଏର ବିରୋଧ କଲେ ଏବଂ କହିଲେ; ଧର୍ମ ପ୍ରସଙ୍ଗରେ ବନ୍ଧୁପରିଜନର କୌଣସି ସ୍ଥାନ ନାହିଁ । ଏହି ଲୋକମାନେ ନିଜ କଲାକର୍ମ ଯୋଗୁଁ ହତ୍ୟା ହେବା ଉପଯୁକ୍ତ । ସୁତରାଂ ମୋ ମତରେ ଏସମସ୍ତଙ୍କୁ ହତ୍ୟା କରିଦେବା ଉଚିତ୍ । ବରଂ ଆଦେଶ ଦେବା ଉଚିତ୍ ଯେ, ମୁସଲମାନମାନେ ସ୍ୱହସ୍ତରେ ନିଜ ନିଜ ବନ୍ଧୁପରିଜନଙ୍କୁ ହତ୍ୟା କରନ୍ତୁ । ହଜୁର[ସ.ଅ] ନିଜ ଦୟାପୂର୍ଣ୍ଣ ସ୍ୱଭାବ ବଶତଃ ହଜରତ ଅବୁବକର [ର.ଅ]ଙ୍କ ରାଏକୁ ପସନ୍ଦ କଲେ ଏବଂ

ମୃତ୍ୟୁ ଦଣ୍ଡାଦେଶ ବିପରୀତ ନିଷ୍ପତ୍ତି ଦେଲେ । ଆଉ ଆଦେଶ ଦେଲେ ଯେ, ଯେଉଁ ଅମାନ୍ୟକାରୀମାନେ ନିଜ ନିଜର ଫିଦ୍‌ୟା ପୈଠ କରି ଦେବେ ସେମାନଙ୍କୁ ମୁକ୍ତ କରିଦିଅ । ବସ୍ତୁତଃ ଏହାର ପାଳନ କରାଗଲା । ପରବର୍ତ୍ତୀ ସମୟରେ ଏଥିମୁତାବକ ଐଶୀ ନିର୍ଦ୍ଦେଶ ମଧ୍ୟ ଅବତୀର୍ଣ୍ଣ ହୋଇଗଲା । ଅତଏବ ପ୍ରତ୍ୟେକ ବ୍ୟକ୍ତିର ଆସନ (ସ୍ତର) ଅନୁଯାୟୀ ଏକ ହଜାରରୁ ଚାରି ହଜାର ଦିର୍‌ହମ୍ ପର୍ଯ୍ୟନ୍ତ ଫିଦ୍‌ୟା ପୈଠ କରିବା ଧାର୍ଯ୍ୟ କରାଯାଇ ଥିଲା । ଏପରି କଏଦୀମାନଙ୍କୁ ମୁକ୍ତ କରି ଦିଆଗଲା ।

ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ବଦର୍ ଯୁଦ୍ଧ ପ୍ରସଙ୍ଗତଃ ଏହି ଆଲୋଚନା ଆସନ୍ତାରେ ମଧ୍ୟ ଅବ୍ୟାହତ ରହିବ । ବର୍ତ୍ତମାନ ମୁଁ କିଛି ମୃତକଙ୍କର ଚରିତ୍ର ଚର୍ଚ୍ଚା ଓ ନମାଜ ଜନାଯାଃ ଗାଏବ ପାଠ କରିବାର ଘୋଷଣା କରୁଛି ।

**ପ୍ରଥମ–** ଶ୍ରୀମାନ ରାଣା ଅବଦ୍ଦୁଲ୍ ହମିଦ୍ ଖାନ୍ ସାହେବ କାଠଗଡ଼ି ଯେକି ମୁରବୀ ସିଲ୍‌ସିଲା ଓ ଅତିରିକ୍ତ ନାଜିମ୍ ମାଲ୍ ଓ୍ୱକ୍‌ଫେ ଜଦିଦ୍ ପାକିସ୍ତାନ ଥିଲେ ।

**ଦ୍ୱିତୀୟ–** ଶ୍ରୀମାନ ନୁସରତ୍ ଜାହାଁ ସାହେବାଃ ପତ୍ନୀ ଶ୍ରୀମାନ ମୁବଶିର୍ ଅହେମଦ୍ ସାହେବ ମୁରବୀ ସିଲ୍‌ସିଲା ଆମେରିକା ନିବାସୀଙ୍କର ଅଟେ ।

ପ୍ରିୟ ହଜୁର ଅନଓ୍ୱର[ଅ.ବ] ଉଭୟ ମୃତକଙ୍କ ସହିତ କ୍ଷମା ଆଚରଣ ଓ ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ପାଇଁ ଦୁଆ ପ୍ରାର୍ଥନା କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

✲✲✲ ✲✲✲ ✲✲✲ ✲✲✲

Khulasa Khutba Juma Huzoor Anwar a.b.a

14th July 2023